# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27th August – 2026

************************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଗଠନ କରିବାରେ କ୍ରୀଡ଼ାବିତ୍ ଓ ଯୁବବର୍ଗଙ୍କୁ ଏକତ୍ର ହେବାପାଇଁ ଖେଲୋ ଇଣ୍ଡିଆ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।

- ଯୁବଗୋଷ୍ଠୀ ନିଜକୁ ଦକ୍ଷ ଓ ପ୍ରଶିକ୍ଷିତ କରିବାକୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ ।

— ଗଞ୍ଜାମ ଜିଲ୍ଲାର ଗୋଳାବନ୍ଧଠାରେ ୭୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ ପ୍ୟାକେଜ୍ ଘୋଷଣା ।

- ୧ କୋଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆସନ୍ତାକାଲି ପ୍ରଦାନ କରାଯିବ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ।

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ପାଳନ କରାଯାଉଛି ରକ୍ଷା ବନ୍ଧନ ଉତ୍ସବ ।

— ଆସନ୍ତାକାଲି ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ଶ୍ରୀବଳଭଦ୍ରଙ୍କ ଜନ୍ମନୀତି ।

***Desk,*** Katak, Ganjam, Nayagada, Baragada, Dhenkanal, Kendujhar, Puri, Jajapur/R

# ପ୍ରଧାନମନ୍ତ୍ରୀ ଖେଲୋ ଇଣ୍ଡିଆ

କ୍ରୀଡ଼ା କ୍ଷେତ୍ରକୁ କେବଳ ପଦକ ଜିତିବା ମଧ୍ୟରେ ସୀମିତ ନ ରଖି ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଦକ୍ଷ କ୍ରୀଡ଼ାବିତ୍ ଏବଂ ଯୁବବର୍ଗଙ୍କୁ ଏକାଠି କରିବାପାଇଁ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଖେଲୋ ଇଣ୍ଡିଆ ବାର୍ତ୍ତାଳାପକୁ ଆଜି ଆଭାସୀ ମାଧ୍ୟମରେ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଏକବିଂଶ ଶତାବ୍ଦୀରେ ଭାରତରେ ଏକ ଆଧୁନିକ କ୍ରୀଡ଼ା ଇକୋ ସିଷ୍ଟମ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ଆଧୁନିକ ତାଲିମ କେନ୍ଦ୍ର ପର୍ଯ୍ୟନ୍ତ ସମଗ୍ର ଦେଶରେ ଏହି ଇକୋ ସିଷ୍ଟମ ବିକଶିତ ହେଉଛି । ପ୍ରତ୍ୟେକ ପର୍ଯ୍ୟାୟରେ ପ୍ରତିଭାଙ୍କୁ ସହଯୋଗ ପ୍ରଦାନ କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି । ଭାରତରେ କ୍ରୀଡ଼ା ଏକ ବୃତ୍ତି ଭାବରେ ପରିପ୍ରକାଶ ପାଉଛି । ଏଭଳି କାର୍ଯ୍ୟକ୍ରମ କ୍ରୀଡ଼ା ଦୃଷ୍ଟିକୋଣକୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ମେରା ଯୁବ ଭାରତ ଦ୍ୱାରା ଜାତୀୟ କ୍ରୀଡ଼ାଦିବସ ୨୦୨୬ର ଅଂଶସ୍ୱରୂପ ଆଜି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପ୍ରତ୍ୟେକ ଜିଲ୍ଲାର ଦୁଇଟି ମହାବିଦ୍ୟାଳୟର ବିଦ୍ୟାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ । ଯୁବବର୍ଗଙ୍କୁ ଦେଶର କ୍ରୀଡ଼ା

ମହତ୍ୱାକାଂକ୍ଷା ସହ ଜଡିତ ହେବାରେ ଏହି କାର୍ଯ୍ୟକ୍ରମ ଏକ ମଞ୍ଚ ପ୍ରଦାନ କରିଛି ।

ଏହି ଅବସରରେ କଟକ ନରାଜସ୍ଥିତି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ବିଦ୍ୟାର୍ଥୀମାନେ ପ୍ରଧାନମନ୍ତ୍ରୀଙ୍କ ଖେଲୋ ଇଣ୍ଡିଆ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି ।

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବପିଢ଼ିକୁ ସକ୍ରିୟ ଭାଗିଦାରୀ ହେବାପାଇଁ ଆହ୍ୱାନ ଦେଇଥିଲେ ।

ନୟାଗଡ଼ ଜିଲ୍ଲା ଶରଣକୂଳ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ଡାକ୍ତର ସମ୍ବିତ ପାତ୍ର ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହିତ କରିଥିଲେ ।

ବରଗଡ଼ ଜିଲ୍ଲା ଦଧିବାମନ ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ରାଜ୍ୟ ତଥା ଦେଶରେ କ୍ରୀଡ଼ାର ବିକାଶପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ ।

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଖେଲୋ ଇଣ୍ଡିଆ ଅଭିଯାନ ମାଧ୍ୟମରେ ବିକଶିତ ଭାରତ ଗଠନରେ ସାମିଲ୍ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ ।

କେନ୍ଦୁଝରର ଡି.ଡି. ବିଶ୍ୱବିଦ୍ୟାଳୟର ଇ-ଲାଇବ୍ରେରୀଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ କ୍ରୀଡ଼ା, ଅଲିମ୍ପିକ୍ସ ଆକାଂକ୍ଷା, ଯୁବ ନେତୃତ୍ୱ, ନିଶାମୁକ୍ତ ଯୁବପିଢ଼ି ଆଦି ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେବାକୁ କୁଳପତି ପରାମର୍ଶ ଦେଇଛନ୍ତି ।

ପୁରୀ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଯାଜପୁରର ଭାରତୀ ବିହାର ମହାବିଦ୍ୟାଳୟଠାରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଖେଲୋ ଇଣ୍ଡିଆ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

***Ganjam/R***

## ମୁଖ୍ୟମନ୍ତ୍ରୀ - ବିସ୍ଥାପିତ

ରାଜ୍ୟରେ ଆଗାମୀ ୨ ବର୍ଷ ମଧ୍ୟରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାକୁ ଯାଉଥିବାରୁ ଯୁବଗୋଷ୍ଠୀ ନିଜକୁ ଦକ୍ଷ ଓ ପ୍ରଶିକ୍ଷିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ଗଞ୍ଜାମ ଜିଲ୍ଲା ଗୋଳାବନ୍ଧଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ମାଝୀ ଯୋଗଦେଇ ଗୋଳାବନ୍ଧର ୧ ହଜାର ୩୭୧ଟି ବିସ୍ଥାପିତ ପରିବାରପାଇଁ ୭୫ କୋଟି ୬୦ ଲକ୍ଷ ୩୦ ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ ପ୍ୟାକେଜ ଘୋଷଣା କରିଛନ୍ତି । ଏଥିସହ ଛେଲିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ୧୧୨ଟି ପରିବାର ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୬ଟି ପରିବାରକୁ ଘରବାଡ଼ି ଓ ଚାଷଜମିର ପଟ୍ଟା ବଟନ କରିଛନ୍ତି । ଆସନ୍ତା ବର୍ଷ ଶେଷ ସୁଦ୍ଧା

ଛେଳିଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୬ ହଜାରରୁ ଅଧିକ ହେକ୍ଟର ଜମି ଜଳସେଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଜିଲ୍ଲାର ନୀଳ ଅର୍ଥନୀତି, ଅର୍ଜିପଲ୍ଲୀ ମାଛମରା ବନ୍ଦର ନବୀକରଣ, ୨୮ଟି ମାଛଧରା ଜେଟୀ, ଗୋପାଳପୁର ବନ୍ଦର ସମ୍ପ୍ରସାରଣ ସମ୍ପର୍କରେ ସେ ଆଲୋଚନା କରିଛନ୍ତି । ଗୋପାଳପୁର ଶିଳ୍ପ ପାର୍କରେ ୪୦ ହଜାର କୋଟିରୁ ଅଧିକ ଟଙ୍କା ନିବେଶ ମାଧ୍ୟମରେ ୧୮ ହଜାରରୁ ଉର୍ଦ୍ଧ୍ୱ ଯୁବକ ଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

***Voice (CM)*** :..........

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

***Desk***

## ସୁଭଦ୍ରା ଯୋଜନା

ରାକ୍ଷୀପୂର୍ଣ୍ଣିମା ଅବସରରେ ଆସନ୍ତାକାଲି ନୟାଗଡ଼ ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀମାନଙ୍କୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ଅର୍ଥ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି। ଏହି ପର୍ଯ୍ୟାୟରେ ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ଜଣ ଯୋଗ୍ୟ

ହିତାଧିକାରୀଙ୍କୁ ଯୋଜନାର ଅର୍ଥରାଶି ପ୍ରଦାନ କରାଯିବ । ଏବାବଦରେ ୫ ହଜାର ୧୬୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରତ୍ୟକ୍ଷ ହସ୍ତାନ୍ତର ସୁବିଧା ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ୍‌ଖାତାକୁ ପ୍ରଦାନ କରାଯିବ।

***Desk***

## ରାକ୍ଷୀପୂର୍ଣ୍ଣିମା

ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ପର୍ବ ରକ୍ଷା ବନ୍ଧନ ତଥା ଗହ୍ମା ପୂର୍ଣ୍ଣିମୀ ଆଜି ପାଳନ କରାଯାଉଛି । ଏଥିପାଇଁ ରାଜ୍ୟର ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି । ଗାଁରୁ ସହର ପର୍ଯ୍ୟନ୍ତ ଆଜି ପ୍ରତ୍ୟେକ ଘରେ ଘରେ ଶ୍ରୀବଳଭଦ୍ରଙ୍କୁ ପୂଜାର୍ଚ୍ଚନା କରାଯିବାର ବିଧି ରହିଛି। ପୌରାଣିକ ତଥ୍ୟ ଅନୁଯାୟୀ, ଶ୍ରାବଣ ପୂର୍ଣ୍ଣିମାରେ ମହାପ୍ରଭୁ ଶ୍ରୀବଳଭଦ୍ର ଗହ୍ମାସୁରକୁ ବଧ କରିଥିବାରୁ ଏହି ପର୍ବର ନାମ ଗହ୍ମା ପୂର୍ଣ୍ଣିମା। ଏହା ବ୍ୟତୀତ ଆଜିର ଦିନକୁ ରାକ୍ଷୀପୂର୍ଣ୍ଣିମା ଓ ଝୁଲଣ ପୂର୍ଣ୍ଣିମା ବୋଲି କୁହାଯାଇଥାଏ। ରକ୍ଷାବନ୍ଧନ ସହ ଜଡିତ ଅନେକ ପୌରାଣିକ କାହାଣୀ ଏହି ପର୍ବର ଗୁରୁତ୍ୱ ବହନ କରିଥାଏ ।

***Puri/R***

## ଶ୍ରୀକ୍ଷେତ୍ର - ଗହ୍ମାପୂର୍ଣ୍ଣିମା

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଗହ୍ମାପୂର୍ଣ୍ଣିମା ଅବସରରେ ସୁଦର୍ଶନ ଠାକୁରଙ୍କ ବିଜେନୀତି ସହ ବଳଭଦ୍ର ଜନ୍ମ ଓ ଶ୍ରୀଜିଉମାନଙ୍କ ରାକ୍ଷୀଲାଗି ନୀତି

ଅନୁଷ୍ଠିତ ହେବ । ଶ୍ରୀମନ୍ଦିରରେ ଉଦୟ ପର୍ବ ଅନୁସାରେ ତିଥିବାର ପାଳନର ବ୍ୟବସ୍ଥା ରହିଥିବା ପୂର୍ଣ୍ଣିମୀ ତିଥି ଆସନ୍ତାକାଲି ପାଳନ କରାଯିବ । ତେଣୁ ଶ୍ରୀଜିଉ' ପାଟରା ବିଷୋୟୀଙ୍କଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର ରାକ୍ଷୀ ପରିଧାନ କରିବେ ।

***Kendrapara/R***

## ବଳଦେବ ଜନ୍ମ

କେନ୍ଦ୍ରାପଡ଼ା ଜିଲ୍ଲାର ଆରାଧ୍ୟ ଦେବତା ଶ୍ରୀବଳଦେବଜିଉଙ୍କର ପବିତ୍ର ଜନ୍ମୋତ୍ସବ ଆଜି ପାଳନ କରାଯାଉଛି । ମନ୍ଦିର ସେବାୟତମାନଙ୍କଦ୍ୱାରା ଗୁପ୍ତନୀତି ଶେଷ ହେବା ପରେ ଅନ୍ୟାନ୍ୟ ନୀତିକାନ୍ତି ଆରମ୍ଭ ହୋଇଥିଲା । ରତ୍ନମଣ୍ଡପରେ ୧ ଲକ୍ଷ ତୁଳସୀ ଅର୍ପଣ କରାଯିବା ପରେ ଚତୁର୍ଦ୍ଧାମୂର୍ତ୍ତି ଗନ୍ଧାଭିଷେକ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ଶ୍ରୀକ୍ଷେତ୍ର ପୁରୀରୁ ଭଉଣୀ ସୁଭଦ୍ରାଙ୍କଦ୍ୱାରା ପ୍ରେରଣ କରାଯାଇଥିବା ପାଟରାକ୍ଷୀକୁ ଆଜି ସେବାୟତମାନେ ଶ୍ରୀବଳଦେବ ଓ ଶ୍ରୀଜଗନ୍ନାଥଙ୍କ ହସ୍ତରେ ବାନ୍ଧିଥିଲେ ।

***Boudh/R***

## ବୃକ୍ଷ ରକ୍ଷାବନ୍ଧନ

ବୌଦ୍ଧ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୃକ୍ଷ ରକ୍ଷାବନ୍ଧନ ଉତ୍ସବ ଆୟୋଜିତ ହୋଇଯାଇଛି । ଇକୋ କ୍ଲବ୍, ଜଙ୍ଗଲ ସୁରକ୍ଷା ମଞ୍ଚ, ବନସେବା ସମିତିର ସଦସ୍ୟ, ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନେ ଯୋଗଦେଇ ବୃକ୍ଷଗୁଡ଼ିକରେ

ରାକ୍ଷୀ ବାନ୍ଧିଥିଲେ । ପରିବେଶକୁ ସୁରକ୍ଷା ଦେବାପାଇଁ ଏଭଳି ପ୍ରୟାସ କରାଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

***Pool***

## ଜନଧନ - ୧୨ ବର୍ଷ

ଭାରତର ଆର୍ଥିକ କ୍ଷେତ୍ରକୁ ସୁଦୃଢ଼ କରି ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ଆସନ୍ତାକାଲି ୧୨ ବର୍ଷ ପୂରଣ ହେଉଛି । ୨୦୧୪ ଅଗଷ୍ଟ ମାସ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପି.ଏମ୍. ଜନଧନ୍ ଯୋଜନାର ଶୁଭାରମ୍ଭ କରିଥିଲେ । ଅର୍ଥମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ଏହି ଯୋଜନାରେ ୫୯ କୋଟିରୁ ଅଧିକ ବ୍ୟାଙ୍କ୍ ଖାତା ଖୋଲାଯାଇଛି । ଏଥିରେ ୩ ଲକ୍ଷ ୧୭ ହଜାର କୋଟିରୁ ଅଧିକ ଟଙ୍କା ଜମା କରାଯାଇଥିବା ଜଣାପଡ଼ିଛି । ବିଶ୍ୱର ସର୍ବବୃହତ ଆର୍ଥିକ ଅନ୍ତର୍ଭୁକ୍ତି ପଦକ୍ଷେପ ସ୍ୱରୂପ ପି.ଏମ୍. ଜନଧନ ଯୋଜନା ସମସ୍ତ ଭାରତୀୟଙ୍କୁ ବ୍ୟାଙ୍କ୍ ସେବା ଯୋଗାଇଦେବାରେ ସଫଳ ହୋଇଛି । ପ୍ରତିଟି ଆକାଉଣ୍ଟରେ ଅନ୍ୟୂନ ୫ ହଜାର ୩୫୬ ଟଙ୍କା ଜମାରାଶି ହୋଇଛି । ଏହି ଯୋଜନାରେ ଗ୍ରାମୀଣ ଏବଂ ଅର୍ଦ୍ଧ ସହରାଞ୍ଚଳରେ ୭୮ ପ୍ରତିଶତ ଆକାଉଣ୍ଟ ଖୋଲାଯାଇଥିବା ବେଳେ ୫୬ ପ୍ରତିଶତ ମହିଳା ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବାରେ ସକ୍ଷମ ହୋଇଛନ୍ତି ।

***Desk***

# ବାୟୋମେଟ୍ରିକ୍

ରାଜ୍ୟରେ ଗୁଣାତ୍ମ ଶିକ୍ଷା ପ୍ରଦାନ କରିବା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ କହିଛନ୍ତି । କେ.ଜି.ରୁ ପି.ଜି. ମାଗଣା ଶିକ୍ଷାଯୋଜନାରେ ସ୍ୱଚ୍ଛତା ଆଣିବାପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଉପସ୍ଥାନପାଇଁ ବାୟୋମେଟ୍ରିକ୍ ବ୍ୟବସ୍ଥା ଲାଗୁ କରାଯିବ । ପାଇଲଟ୍ ପ୍ରୋଜେକ୍ଟ ଭାବେ ବର୍ତ୍ତମାନ କେତେକ ମହାବିଦ୍ୟାଳୟରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଯ କହିଛନ୍ତି ।

***Voice (Suraj)*** :..........

***Met. O.***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତାକାଲି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ରବିବାର କିମ୍ବା ସୋମବାର ବେଳକୁ ଏହା ଲଘୁଚାପରେ ପରିଣତ ହେବା ନେଇ ଅନୁମାନ କରାଯାଇଛି ।

******